# Akashvani, Sambalpur

## SAMBALPURI NEWS EVENING BULLETIN

**17 March 2025- 7.02 pm- 7.12 pm.**

*********************************************

୧- ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୬ ନମ୍ବର୍ ଦିନେ ଆଏଜ୍ ଉପସ୍ଥାପିତ୍ ହେଲା ଶିଳ୍ପ ବିଭାଗ୍‌ର ଆଏବା ଆର୍ଥିକ୍ ବଛର୍ ଲାଗି ୮ ଶହ ୧ କୋଟି ଟଙ୍କାର୍ ବ୍ୟୟ ଅଟକଳ ।

୨- ଶହେ ୩୫ ନମ୍ବର୍ ରାଜ୍ୟସ୍ତରୀୟ ସିଙ୍ଗିଲ୍ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକ୍‌ଥି ୬ ହଜାର୍ ଶହେ ୧୭ କୋଟି ଟଙ୍କାର୍ ନିବେଶ୍‌କେ ମିଲ୍‌ଲା ଅନୁମୋଦନ୍ ।

୩- ବିଜେପିର୍ ବରିଷ୍ଠ ନେତା ଆଉ ଆଘର୍ କେନ୍ଦ୍ରମନ୍ତ୍ରୀ ଦେବେନ୍ଦ୍ର ପ୍ରଧାନ୍‌ଙ୍କର୍ ପାର୍ଥିବ୍ ଶରୀର୍‌କେ ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ଦିଆଗଲା ଗାର୍ଡ୍ ଅଫ୍ ଅନର୍ ।

ଆଉର୍

୪- ଜଙ୍ଗଲ୍ ନିଆଁ ରୁକ୍‌ବାର୍ ଲାଗି ଓଡ୍ରାଫ୍‌ର ସାହାଜ୍ ନିଆଯିବା- ସୂଚ୍‌ନା ଦେଲା ଜଙ୍ଗଲ୍ ବିଭାଗ୍ ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୬ ନମ୍ବର୍ ଦିନେ ଆଏଜ୍ ଆଏବା ୨୦୨୫-୨୬ ଆର୍ଥିକ୍ ବଛର୍ ଲାଗି ଶିକ୍ଷମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଶିକ୍ଷ ବିଭାଗ୍‌ର ୮ ଶହ ୧ କୋଟି ଟଙ୍କାର୍ ବ୍ୟୟବରାଦ୍ ଉପସ୍ଥାପନ୍ କରିଥିଲେ । ଶିକ୍ଷ ବିଭାଗ୍ ପ୍ରଶାସନିକ୍ ବ୍ୟୟ ଅଧୀନ୍‌ଥି ୭ କୋଟି ୧୪ ଲାଖ୍ ୯୧ ହଜାର୍ ଟଙ୍କାର୍ ବ୍ୟୟବରାଦ୍ କରାଯାଇଛେ । ଚଳଚ୍ଚିତ୍ର ଭିତିଭୂମିର୍ ବିକାଶ୍ ଲାଗି କଳିଙ୍ଗ ଷ୍ଟୁଡ଼ିଓ ଲିମିଟେଡ୍‌ର ଫେର୍‌ଘାଏ ଉନ୍ନତିକରଣ୍ ଯୋଜ୍‌ନାଥି ୮ କୋଟି ୫୨ ଲାଖ୍ ଟଙ୍କା ବ୍ୟୟବରାଦ୍ କରାଯାଇଥିବାର୍ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଧାନ୍‌ସଭା ନ କହିଛନ୍ । ଅଧିବେଶନ୍‌ର ପହେଲା ଖେପେ ପ୍ରଶ୍ନକାଳ ମୁଲ୍ ହେବାର୍‌ଖିନ୍ ବିରୋଧୀ ବିଜେଡ଼ି ଆର୍ କଂଗ୍ରେସ୍ ବିଧାୟକ୍‌ମାନେ ଗୃହର୍ ମଝିକେ ଆସିକରି ବାଚସ୍ପତିଙ୍କର୍ ପୋଡ଼ିୟମ୍ ଆଗାଡ଼େ କିର୍ଲାଗଗା କରିଥିଲେ । ସେଥିର୍‌ଲାଗି ବାଚସ୍ପତି ସୁରମା ପାଢ଼ୀ ୧୦ ବାଜିକରି ୩୫ ମିନିଟ୍‌ନୁ ୧୨ ବାଜିକରି ୧୫ ମିନିଟ୍‌ତକ୍ ଗୃହକେ ମୁଲ୍‌ତବୀ ରଖିଥିଲେ ।

ବିଧାନ୍‌ସଭା-୪ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଗଲା ୩ ବଛର୍ ଭିତ୍‌ରେ କିଡ୍‌ନୀ ରୋଗ୍‌ଥି ୪ ହଜାର୍ ୮ ଶହ ୫୭ ଝନ୍‌କର୍ ଜୀବନ୍ ଯାଇଥିବାର୍ ବିଧାନ୍‌ସଭା ନ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଗୁଟେ ଲିଖିତ୍ ପ୍ରଶ୍ନର୍ ଉତର୍‌ଥି କହିଛନ୍ । ଇ ସମିଆ ଭିତ୍‌ରେ ରାଏଜେ ୧୫ ହଜାର୍ ୭ ଶହ ୫୨ ଝନ୍ କିଡ୍‌ନୀ ରୋଗ୍‌ଥି ପିଡ଼ିତ୍ ଅଛନ୍ । ସେମାନ୍‌କର୍ ଭିତ୍‌ରୁ ୧୦ ହଜାର୍ ୮ ଶହ ୫୫ ଝନ୍ ରୋଗୀ ରାଜ୍ୟର୍ ଭିନ୍ ଭିନ୍ ଡାକ୍ତର୍‌ଖାନା ନ ଚିକିସ୍ସିତ୍ ହେଉଛନ୍ । ରାଜ୍ୟ ୬୮ ଟା ଡାକ୍ତର୍‌ଖାନା ନ ୫ ଶହ ୧୧ ଟା ଡାଇଲିସିସ୍ ଶଯ୍ୟା ବ୍ୟବସ୍ଥା କରାଯାଇକରି ମାହାଲିଆ ଚିକିସ୍ସା କରାଯାଉଛେ ବଲି ସ୍ୱାସ୍ଥ୍ୟମନ୍ତ୍ରୀ ବିଧାନ୍‌ସଭା ନ କହିଛନ୍ ।

ବିଧାନ୍‌ସଭା-୨ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଅପମିଶ୍ରିତ ଖାଏବାର୍ ଦରବ୍ କାର୍‌ବାର୍ ଉପ୍‌ରେ ସର୍‌କାର୍ ଅବଗତ ଅଛନ୍ ବଲି ବିଧାନ୍‌ସଭା ନ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ସଦସ୍ୟ ପଦ୍ମଲୋଚନ୍ ପଣ୍ଡାଙ୍କର୍ ପ୍ରଶ୍ନର୍ ଉତର୍‌ଥି ଶ୍ରୀ ମହାଲିଙ୍ଗ୍ କହିଛନ୍, ଅପମିଶ୍ରିତ ଖାଦ୍ୟ କାର୍‌ବାର୍ ରୁକ୍‌ବାର୍ ଲାଗି ସର୍‌କାର୍ ଜିଲ୍ଲା ଆଉ ବିଜ୍ଞପିତ ଇଲାକା ମାନ୍‌କେ ଖାଦ୍ୟ ନିରାପତା ଅଧିକାରୀମାନ୍‌କୁ ନିଯୁକ୍ତି

ଦେଇଛନ୍ । ଭିନ୍ ଭିନ୍ ସମିଆଥି ଚଢ଼ଉ କରିକରି ଖାଦ୍ୟର୍ ନମୁନା ମାନ୍‌କୁ ରାଜ୍ୟ ପରୀକ୍ଷାଗାରକେ ପଠାୟାଉଛେ । ଗଲା ୨ ବଛର୍ ଭିତ୍‌ରେ ଖାଦ୍ୟ ନିରାପତା ପରୀକ୍ଷାଗାର ନ ହଲ୍‌ଦୀ, ତେଲ୍, ଛତୁଆ ଆଉ ବିସ୍କୁଟ୍ ସହେତେ ଭିନ୍ ଭିନ୍ ଅପମିଶ୍ରିତ ଖାଏବାର୍ ଦରବ୍ ନମୁନା ପରୀକ୍ଷା କରାୟାଇଛେ ।

ବିଧାନ୍‌ସଭା-୧ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଇହାଦେତକ୍ ୨ ହଜାର୍ ୬ ଶହ ୩ ଟା ଗାଁ ନ ମୋବାଇଲ୍ ସେବା ନାଇଁନ ବଲି ସୂଚନା ଆଉ ପ୍ରଯୁକ୍ତି ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ବିଧାନ୍‌ସଭା ନ କହିଛନ୍ । ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍, କେନ୍ଦ୍ର ସର୍‌କାର୍‌ଙ୍କର୍ ଡିଜିଟାଲ୍ ଭାରତ୍ ନିଧି ପ୍ରକଳ୍ପ ଆଉ ରାଜ୍ୟ ସର୍‌କାର୍‌ଙ୍କର୍ ସହଯୋଗ୍‌ଥି ସବୁ ଗାଁକେ ମୋବାଇଲ୍ ସେବା ୟୁଗେଇ ଦେବାର୍ ଲାଗି ୪ ହଜାର୍ ୨ ଶହ ୧୦ ଟା ମୋବାଇଲ୍ ଟାୱାର୍ ଥାପ୍‌ନା କରାୟିବାର୍ ପ୍ରସ୍ତାବ୍ ରହିଛେ । ସେଥିର୍‌ଭିତ୍‌ରୁ ୨ ହଜାର୍ ୫ ଶହ ୭୨ ଟା ଟାୱାର୍ କାର୍ଯ୍ୟକ୍ଷମ୍ ହେଇଥିବାର୍ ବେଲେ ଆଏବା ଜୁନ୍ ମାସ୍ ଶେଷ୍‌ତକ୍ ସବୁ ଟାୱାର୍‌କେ କାର୍ଯ୍ୟକ୍ଷମ୍ କର୍‌ବାର୍ ଲାଗି

ସର୍କାର୍ ଲକ୍ଷ୍ୟ ରଖିଛନ୍ ବଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ ବିଧାନ୍ସଭା ନ ସୂଚ୍ନା ଦେଇଛନ୍ ।

ପିଏମ୍ଆଇଏସ୍ ଆପ-ଅର୍ଥମନ୍ତ୍ରୀ ଏନ୍ଏସ୍ଡି/ପି.ଆଇ.ବି.

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ -ପ୍ରଧାନ୍ମନ୍ତ୍ରୀ ଇଂଟନ୍ସିପ୍ ଯୋଜ୍ନା- ପିଏମ୍ଆଇଏସ୍ ଆପ୍କେ ଆଏଜ୍ ଉନ୍ମୋଚନ୍ କରିଛନ୍ । ଇତାର୍ ଜରିଏ ଯୋଜ୍ନାର୍ ୨ ନମ୍ବର୍ ଖେପ୍ଥି ପଞ୍ଜିକରଣ୍ ସୁବିଧାଥି କରିହେବା । ମାର୍ଚ୍ଚ ୩୧ ତାରିଖ୍ତକ୍ ଇଥି ଆବେଦନ୍ ଗ୍ରହଣ୍ କରିହେବା । ଇ ଆପ୍ ସିମିତ କମ୍ପ୍ୟୁଟର୍ ବେଭାର୍ନୁ ମୋବାଇଲ୍ ଫୋନ୍ ବେଭାର୍ଥି ଆବେଦନ୍କାରୀମାନ୍କର୍ ବିକଳ୍ପ ଭାବେ କାମ୍ କର୍ବା । କନ୍ଦ୍ର କର୍ପୋରେଟ୍ ବ୍ୟାପାର୍ ମନ୍ତ୍ରଣାଲୟ ଆଉ ଭାରତୀୟ ଶିଳ୍ପ ମହାସଂଘର ମିଲିତ ସହଯୋଗ୍ଥି ପିଏମ୍ଆଇଏସ୍ ଯୋଜ୍ନାର୍ ଲାଗି ଗୁଟେ କେନ୍ଦ୍ର କୋଲ୍କାତା ଠାନେ ଥାପ୍ନା କରାଯିବା । ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍ମନ୍ତ୍ରୀ ଇଂଟନ୍ସିପ୍ ଯୋଜ୍ନା ଗଲାବଛର୍ ଅକ୍ଟୋବର୍ ୩ ତାରିଖ୍ ଦିନ ମୁଲ୍ ହେଇଥିଲା ।

ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ I&PR

ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜାଙ୍କର୍ ଅଧ୍ଯକ୍ଷତାଥି ଶହେ ୩୫ ନମ୍ବର୍ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ କମିଟି ବୈଠକ୍ଥି ୧୧ ଟା ଜିଲ୍ଲା ଲାଗି ୬ ହଜାର୍ ଶହେ ୧୭ କୋଟି ଟଙ୍କାର୍ ନିବେଶ୍କେ ଅନୁମୋଦନ୍ ମିଲିଛେ । ଇଥି ଜୈବ ଇନ୍ଧନ୍, ଜାହାଜ୍ ତିଆର୍, ଖାଦ୍ୟ ପ୍ରକ୍ରିୟାକରଣ୍, ରାସାୟନିକ୍ ଦରବ୍, ବାୟୋଟେକ୍ନୋଲୋଜି ଆର୍ ସବୁଜ ଶକ୍ତି ଉପକରଣ୍ ସହେତେ ୧୦ ଟା ପ୍ରଭାବ୍ଶାଳୀ କ୍ଷେତ୍ର ରହିଛେ । ଇ ପ୍ରକଳ୍ପ ମାନ୍ ବଲାଙ୍ଗିର୍ କଟକ୍, ଗଞ୍ଜାମ୍, ଯାଜ୍ପୁର୍ ସହେତେ ୧୧ ଟା ଜିଲ୍ଲା ନ କାର୍ଯ୍ୟକାରୀ କରାଯିବା । ଯେନ୍ଥିର୍ଲାଗି ଆଏବା ଦିନେ ରାଜ୍ୟ ନିବେଶ୍ କ୍ଷେତ୍ରଥି ଗୁଟେ ମୁଖିଆ ଜାଗା ହେବାର୍ ସହେତେ ୧୭ ହଜାର୍ନୁ ଅଏତ୍କା ନିଯୁକ୍ତି ସୁଯୋଗ୍ ସୃଷ୍ଟି ହେବା ବଲି ଶ୍ରୀ ଆହୁଜା କହିଛନ୍ ।

ଆଘର୍ କେନ୍ଦ୍ରମନ୍ତ୍ରୀ ଡାକ୍ତର୍ ଦେବେନ୍ଦ୍ର ପ୍ରଧାନ ଆର୍ଏନ୍ୟୁ/ କଟକ୍

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ଆଘର୍ କେନ୍ଦ୍ରମନ୍ତ୍ରୀ ଡାକ୍ତର୍ ଦେବେନ୍ଦ୍ର ପ୍ରଧାନ୍ଙ୍କର୍ ପାର୍ଥିବ୍ ଶରୀର୍କେ ଖାସ୍ ବିମାନ୍ଥି ଦିଲ୍ଲୀନୁ ଭୁବ୍ନେଶ୍ୱର୍କେ ଅନାଯାଇଛେ । ଭୁବ୍ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବାର୍ ଉତ୍ରୁ ସ୍ୱର୍ଗତ

ପ୍ରଧାନ୍‌ଙ୍କର୍ ମରଶରୀରକେ ଗାର୍ଡ୍ ଅଫ୍ ଅନର୍ ଦିଆଯାଇଛେ । ସ୍ୱର୍ଗତ ପ୍ରଧାନ୍‌ଙ୍କର୍ ପୁଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ପାର୍ଥିବ୍ ଶରୀର୍ ସାଙ୍ଗେ ଥିଲେ । ବିମାନ୍ ବନ୍ଦର୍ ନ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ରାଜ୍ୟ ମନ୍ତ୍ରୀମଣ୍ଡଲ୍‌ର ସଦସ୍ୟମାନ୍‌କର୍ ସହେତେ ବରିଷ୍ଠ ପ୍ରଶାସନିକ୍ ଅଧିକାରୀମାନ୍‌କର୍ ଉପସ୍ଥିତିଥି ସ୍ୱର୍ଗତ ପ୍ରଧାନ୍‌ଙ୍କୁ ଗାର୍ଡ୍ ଅଫ୍ ଅନର୍ ଦିଆଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ପୁରୀ ସ୍ୱର୍ଗଦ୍ୱାର ନ ସ୍ୱର୍ଗତ ପ୍ରଧାନ୍‌ଙ୍କର୍ ଶେଷକୃତ୍ୟ କରାଯିବା ।

ନୂଆଦିଲ୍ଲୀ ନ ୮୪ ବଛର୍ ବୟେସେ ଶ୍ରୀ ପ୍ରଧାନ୍‌ଙ୍କର୍ ଆଏଜ୍  ପରଲୋକ ହେଇଯାଇଛେ । ସ୍ୱର୍ଗତ ପ୍ରଧାନ୍ ୧୯୪୧ ମସିହାଥି ଅବିଭକ୍ତ ଢେଙ୍କାନାଲ୍ ଜିଲ୍ଲା ନ ଜନମ୍ ହେଇଥିଲେ । ଅଟଲ୍ ବିହାରୀ ବାଜପେୟୀଙ୍କର୍ ସର୍‌କାର୍‌ଥି ଶ୍ରୀ ପ୍ରଧାନ୍ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଦାୟିତ୍ୱ ତୁଲେଇଥିଲେ । ୧୯୮୮ ମସିହାନୁ ୧୯୯୩ ତକ୍ ରାଜ୍ୟ ବିଜେପିର୍ ସଭାପତି, ୧୯୯୩ ନୁ ୧୯୯୫ ତକ୍ ରାଜ୍ୟ ବିଜେପି ସାଧାରଣ୍ ସମ୍ପାଦକ୍ ଆଉ ଫେର୍‌ଘାଏ ୧୯୯୫ ନୁ ୧୯୯୭ ତକ୍ ବିଜେପି ସଭାପତି ଭାବେ ସ୍ୱର୍ଗତ ପ୍ରଧାନ୍ ଦାୟିତ୍ୱ ତୁଲେଇଥିଲେ ।

୧୯୯୮ ମସିହାଥି ଦେବ୍‌ଗଡ଼୍ ଆସନ୍‌ନୁ ଲୋକ୍‌ସଭା ଲାଗି ସେ ନିର୍ବାଚିତ୍ ହେଇଥିଲେ । ୧୯୯୯ ମସିହାନୁ ୨୦୦୧ ମସିହାତକ୍ ଶ୍ରୀ ପ୍ରଧାନ୍ କେନ୍ଦ୍ର ପରିବହନ୍ ଆଉ କୃଷିମନ୍ତ୍ରୀ ଦାୟିତ୍ୱଥି ଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ୍ ସଂଘର୍ ଝନେ ସକ୍ରିୟ

ସଦସ୍ୟ ରହେବାର୍ ସହେତେ ଝନେ ଆଦର୍ଶ ଡାକ୍ତର୍ ହିସାବେ ତାଙ୍କର୍ ଖୋବ୍ ନାଁ ରହିଛେ ।

ରମାକାନ୍ତ ରଥ- ଶେଷକୃତ୍ୟ        ପୁରୀ ସମ୍ବାଦଦାତା

ପଦ୍ମଭୂଷଣ୍ ଆଉ ବିଶିଷ୍ଟ ସାହିତ୍ୟିକ ରମାକାନ୍ତ ରଥଙ୍କର୍ ଶେଷକୃତ୍ୟ ରାଷ୍ଟ୍ରୀୟ ମର୍ଯ୍ୟାଦା ସହେତେ ପୁରୀ ସ୍ୱର୍ଗ ଦ୍ୱାର ନ କରାଯାଇଛେ । ତାଙ୍କର୍ ପୁଓ ପିନାକୀ ରଥ ମୁଖାଗ୍ନୀ ଦେଇଥିଲେ । ଶେଷକୃତ୍ୟ ସମିଆଥି ବହୁତ୍ ବିଶିଷ୍ଟ ବ୍ୟକ୍ତିଙ୍କର୍ ସହେତେ ପୁରୀ ଜିଲ୍ଲାପାଲ୍, ଏସ୍.ପି. ଆଉ ପ୍ରଶାସନିକ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ । ଗଲାକାଏଲ୍ ୯୧ ବଛର୍ ବୟସ୍‌ଥି ଶ୍ରୀ ରଥଙ୍କର୍ ଭୁବ୍‌ନେଶ୍ୱର୍ ନ ତାଙ୍କର୍ ଘରେ ପରଲୋକ ହେଇଥିଲା ।

ଭୋଟର୍-ଆଧାର୍ ସଂଯୋଗ୍        ଆର୍‌ଏନ୍‌ୟୁ/ କଟକ୍

ଭୋଟର୍ ପରିଚୟ ପତ୍ର ତଥ୍ୟଥି ଭୁଲ୍ ଅଭିଯୋଗ୍‌କେ ନେଇକରି ନିର୍ବାଚନ୍ କମିଶନ୍ ଆଏବା କାଏଲ୍ ଗୁଟେ ଜରୁରୀ ବୈଠକ୍ କର୍‌ବେ । ଭୋଟର୍ ପରିଚୟ ପତ୍ର ନମ୍ବର୍‌କେ ଆଧାର୍ ସାଙ୍ଗେ ଜୁଡ଼୍‌ବାର୍‌ଟା ବାଧ୍ୟତାମୂଲକ୍ ବିଷେଥି ବୈଠକ୍‌ଥି ଆଲୋଚନା ହେଇପାରେ । ଇହାଦେ ଭୋଟର୍ ପରିଚୟ

ପତ୍ର ନମ୍ବର୍ ସହେତେ ଆଧାର୍‌କେ ସଂଯୋଗ୍ କର୍‌ବାର୍‌ଟା ଇଚ୍ଛାଧୀନ୍ ରଖାଯାଇଛେ । ସର୍‌କାର୍ ସଂସଦ୍ ନ କହିଛନ୍, ଯଦି କେନ୍‌ସି ମତଦାତା ଭୋଟର୍ ନମ୍ବର୍ ସହେତେ ଆଧାର୍ ନମ୍ବର୍ ସଂଯୋଗ୍ କର୍‌ବାର୍‌କେ ନାଇଁ ଚାହେଁଲେ ସେମାନ୍‌କର୍ ନାଁ ଭୋଟର୍ ତାଲିକାନୁ କଟା ନାଇଁ ଯାଏ ।

ଆର୍‌ଟିଆଇ- ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟର୍ ଘରୋଇ ବିଦ୍ୟାଳୟ ମାନ୍‌କେ ଶିକ୍ଷା ଅଧିକାର୍ ଆଇନ୍ ଅଧୀନ୍‌ଥି ନାଁଲେଖା ତାରିଖ୍‌କେ ବଦ୍‌ଲାଯାଇଛେ । ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ବାହାରିଥିବା ସଂଶୋଧିତ୍ ବିଜ୍ଞପ୍ତି ଅନ୍‌ସାରେ ଆଏବା କାଏଲ୍‌ନୁ ଏପ୍ରିଲ୍ ୨୦ ତାରିଖ୍‌ତକ୍ ପହେଲା ଖେପ୍ ନାଁଲେଖା ଲାଗି ପଞ୍ଜିକରଣ୍ ମୂଲ୍ ହେବା । ଏପ୍ରିଲ୍ ୩ ତାରିଖ୍‌ନୁ ୨୩ ତାରିଖ୍ ଭିତ୍‌ରେ ବ୍ଲକ୍ ଶିକ୍ଷା ଅଧିକାରୀମାନେ ଯାଂଚ୍ ପ୍ରକ୍ରିୟା ଶେଷ୍ କର୍‌ବାର୍ ଉତ୍‌ରୁ ୨୪ ତାରିଖ୍ ଦିନ ଚୂଡ଼ାନ୍ତ ମେଧା ତାଲିକା ବାହାର୍‌ବା ।

ବିଧାନ୍‌ସଭା-୩ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଜଙ୍ଗଲ୍ ନ ନିଆଁ ଲିଭାବାର୍ ଲାଗି ଏତ୍‌କର ଓଡ୍ରାଫ୍‌ର ସାହାଜ୍ ନିଆଯିବା ବଲି ପ୍ରଧାନ୍ ମୁଖ୍ୟ ବନ ସଂରକ୍ଷକ ସୁରେଶ୍ ପନ୍ତୁ

କହିଛନ୍ । ଜଙ୍ଗଲ୍ ନିଆଁ ଲିଭାବାର୍‌ଥି ଜଙ୍ଗଲ୍ ବିଭାଗ୍ ଭିନ୍ ଭିନ୍ ଜାଗା ନ ସଫଲ୍ ହେଉଥିଲେ ଭିଲ୍ ଅଏତ୍‌କା ନିଆଁ ଲାଗ୍‌ଲେ ଗୃହ ବିଭାଗ୍ ଜରିଏ ଓଡ୍ରାଫ୍‌ର ସାହାଜ୍ ନିଆଯିବା ବଲି ସେ କହିଛନ୍ । ପାଇଲଟ୍ ପ୍ରକଳ୍ପ ହିସାବେ ଜଙ୍ଗଲ୍‌ଥି ନିଆଁ ବାବ୍‌ଦେ ସାଙ୍ଗେସାଙ୍ଗ୍ ତଥ୍ୟ ପାଏବାର୍ ଲାଗି ଶିମିଲିପାଲ୍ ନ ୫ ଟା ଏଆଇ କେମ୍‌ରା ଲଗାଯାଇଛେ । ସେନ୍ତା ରାଉର୍‌କେଲା ବନଖଣ୍ଡ ଅଂଚଲ୍ ନ ଅଗ୍ନି ଆଉ ପ୍ରାଣୀ ଗତିବିଧି ଚିହ୍ନଟ୍ ଲାଗି ୪ ଟା ଏଆଇ କେମ୍‌ରା ଲଗାଯାଇଛେ ବଲି ଶ୍ରୀ ପନ୍ଥ କହିଛନ୍ ।

ମଧ୍ୟାହ୍ନ ଭୋଜନ- ତେଲ୍ ବେଭାର୍ ଆର୍‌ଏନ୍‌ୟୁ/ କଟକ୍

ବିଦ୍ୟାଲୟମାନ୍‌କେ ଛୁଆମାନ୍‌କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ୍‌ଥି ୧୦ ପ୍ରତିଶତ୍ କମ୍ ତେଲ୍ ବେଭାର୍ କର୍‌ବାର୍‌କେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ତର୍‌ଫୁ ରାଜ୍ୟ ମାନ୍‌କୁ ପରାମର୍ଶ ଦିଆଯାଇଛେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ ଆଉ ପରୀକ୍ଷାପେ ଚର୍ଚ୍ଚା କାର୍ଯ୍ୟକ୍ରମ୍‌ଥି ଛୁଆମାନ୍‌କର୍ ଭିତ୍‌ରେ ଦେଖାଦେଉଥିବା ମେଦ ବହୁଳତା ବାବ୍‌ଦେ ଆଲୋଚନା କର୍‌ବାର୍ ଉତ୍‌ରୁ ପିଏମ୍ ପୋଷଣ୍ ଯୋଜ୍‌ନା ଅଧୀନ୍‌ଥି ଇ ପରାମର୍ଶ ଦିଆଯାଇଛେ । ଇଥିର୍‌ଲାଗି ଶିକ୍ଷା ମନ୍ତ୍ରଣାଳୟର୍ ବିଦ୍ୟାଳୟ, ଶିକ୍ଷା ଆଉ

ସ୍ୱାକ୍ଷରତା ବିଭାଗ୍ ତର୍ଫୁ ସବୁ ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍‌କେ ଚିଠି ଲେଖଯାଇଛେ ।

ଜନଅଭିଯୋଗ୍ ଶୁଣାଣି ଶିବିର/ସମ୍ବଲପୁର/ସୋନ୍‌ପୁର୍/ଦେବ୍‌ଗଡ଼୍

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ମିଲିତ ଜନଶୁଣାଣି କରିଛନ୍ ।

ସୁବର୍ଣ୍ଣପୁର୍ ଜିଲ୍ଲା ବିନ୍‌କା ଠାନେ ହେଇଥିବା ଶିବିରଥି ୬୮ ଟା ଅଭିଯୋଗ୍ ଦାଖଲ୍ ହେଇଥିଲା ।

ବୌଦ୍ଧ ଜିଲ୍ଲା କଂଟାବାଲ୍ ବ୍ଲକ୍ କାର୍ଯ୍ୟାଲୟ ଠାନେ ହେଇଥିବା ଶିବିରଥି ୮୧ ଟା ଅଭିଯୋଗ୍ ଦାଖଲ୍ ହେଇଥିଲା । ସେଥିର୍ ଭିତ୍‌ରୁ ୩୧ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ସମ୍ମିଲନୀ କକ୍ଷ ଠାନେ ଅଭିଯୋଗ୍ ଶୁଣାଣି ହେଇଯାଇଛେ । ଇନ ୫୩ ଟା ଅଭିଯୋଗ୍ ଶୁଣାଣି କରାଯାଇଥିଲା ସେଥୁ ୯ନ୍‌କୁ ରେଡ୍‌କ୍ରସ୍ ତର୍ଫୁ ସାହାଜ୍ ଦିଆଯାଇଛେ ।

ଦେବ୍‌ଗଡ଼୍ ଜିଲ୍ଲା ରିଆମାଲ୍ ବ୍ଲକ୍ ଖୁଲେଇ ଗ୍ରାମ୍ ପଂଚାୟତ୍ ସମ୍ମିଳନୀ କକ୍ଷ ଠାନେ ହେଇଥିବା ଶିବିରଥି ୨୯ ଟା ଅଭିଯୋଗ୍ ଆସିଥିଲା ।

ଅଭିଯୋଗ୍ ମାନ୍‌କର୍ ତୁର୍‌ତି ସମାଧାନ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ଆର୍ ଏସ୍.ପି. ମାନେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ରବି ଋତୁ ଧାନ୍ ଘିନା-ପଞ୍ଜିକରଣ୍   ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଆଏବା ରବି ଋତୁ ଧାନ୍ ଘିନା ଲାଗି ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ଚାଲୁଛେ । ଇଥିର୍‌ଲାଗି ଚାଷୀମାନେ ପ୍ରାଥମିକ କୃଷି ସମବାୟ ସମିତି- ପେକ୍ସ, ଲେମ୍ପ୍ସ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ ପାଣିପଂଚାୟତ୍ ମାନ୍‌କେ ଆଗୁଆ ପଞ୍ଜିକରଣ୍ କରିପାର୍‌ବେ । ଗଲାବଛର୍ ରବିଋତୁ ଲାଗି ପଞ୍ଜିକୃତ ହେଇଥିବା ଚାଷୀମାନ୍‌କୁ ଇ ବଛର୍ ଲାଗି ଫେର୍‌ଘାଏ ପଞ୍ଜିକରଣ୍ କର୍‌ବାର୍ ଲାଗି ପଡ଼୍‌ବା । ପଞ୍ଜିକରଣ୍ ଫର୍ମ ସମିତିମାନ୍‌କେ ଆଏବା ବୁଧବାର୍‌ତକ୍ ମିଲ୍‌ବା । ଆଏବା ୩୧ ତାରିଖ୍ ଭିତ୍‌ରେ ପଞ୍ଜିକରଣ୍ ଆର୍ ନବୀକରଣ୍ ଫର୍ମ ଚାଷୀମାନେ ସମିତି କାର୍ଯ୍ୟାଳୟନୁ ଦାଖଲ୍ କରିପାର୍‌ବେ । ରବି ଋତୁ ଲାଗି ଧାନ୍ ଘିନା ଆଏବା ମେ ୧ ତାରିଖ୍‌ନୁ ମୁଲ୍

ହେଇକରି ଜୁନ୍ ୩୦ ତାରିଖ୍‌ତକ୍ ଚାଲ୍‌ବା ବଲି ସର୍‌କାର୍‌ଙ୍କର୍ ତର୍‌ଫୁ କୁହାଯାଇଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦିନର୍ ତାପମାତ୍ରା ବଢ଼୍‌ବାର୍ ସହେତେ ଜବର୍ ଖରା ହେଉଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ବୁଧବାର୍‌ତକ୍ ଗ୍ରୀଷ୍ମପ୍ରବାହ ଜାରି ରହେବା । ପର୍ଶ୍ଚିମ ଓଡ଼ିଶାର୍ ଜିଲ୍ଲାମାନ୍‌କେ ତାପମାତ୍ରା ଅଏତ୍‌କା ରହେବା ବଲି ପାଣିପାଗ୍ ବିଭାଗ୍ ଅନୁମାନ୍ କରିଛେ । ବୌଦ୍ଧ ନ ରାଜ୍ୟର୍ ସବୁନୁ ଜହ ତାତି ୪୩ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ଖରାକେ ନଜର୍‌ଥି ରଖିକରି ସଖାଲର୍ ୧୧ ବଜେନୁ ଉପର୍‌ବେଲା ୩ ବଜେତକ୍ ସତର୍କ ରହେବାର୍ ଲାଗି ପାଣିପାଗ୍ ବିଭାଗ୍ ପରାମର୍ଶ ଦେଇଛେ ।